Birla White **LEVELPLAST**

CURING-FREE READY MIX PLASTER

ADITYA BIRLA

BUILDING SOLUTIONS

# ଏକ ପ୍ରିମିୟମ୍ କ୍ୱାଲିଟିର କିଓରିଂ-ଫ୍ରି ରେଡି-ମିକ୍ସ ପ୍ଲାଷ୍ଟର

# Levelplast



# ଉତ୍ପାଦର ସାଧାରଣ ଦୃଷ୍ଟିପାତ

ବିର୍ଲା ହ୍ୱାଇଟ୍ ଲେଭଲପ୍ଲାଷ୍ଟ ଏ କିସମର ପ୍ରଥମ, ହ୍ୱାଇଟ୍ ସିମେଣ୍ଟ ଆଧାରିତ ଜଳ ପ୍ରତିରୋଧୀ ପଲିମର ମାର୍ଜିତ କିଓରିଂ–ଫ୍ରି ରେଡି–ମିକ୍ସ ପ୍ଲାଷ୍ଟର ଅଟେ । ଏହା ଆପଣଙ୍କ କାନ୍ଥଗୁଡ଼ିକ ଏହି ଶ୍ରେଣୀର ସର୍ବୋତ୍ତମ କମ୍ପ୍ରେସିଭ୍ ଶକ୍ତି ଏବଂ ପ୍ରସାରଣକ୍ଷମ ସଂଲଗ୍ନତା ଦେଇଥାଏ ।

ବିର୍ଲା ହ୍ୱାଇଟ୍ ଲେଭଲପ୍ଲାଷ୍ଟ ଏକ ପରିବେଶ ଅନୁକୂଳ ଉତ୍ପାଦ ଅଟେ ଏବଂ ଏହା ଆଣ୍ଟି କାର୍ବୋନେଶନ୍ ଗୁଣଧର୍ମ ପାଇଁ ପ୍ରମାଣିତ । ଏହା ସହିତ ଆପଣ ନିଜ କାନ୍ଥରେ ଚମତ୍କାର ଆଣିପାରିବେ ଯାହା ବର୍ଷ ବର୍ଷ ଧରି ଅକ୍ଷୁର୍ଣ୍ଣ ରହିବ । ଏହା ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ପୃଷ୍ଠରେ ପ୍ରୟୋଗ ପାଇଁ ଆଦର୍ଶ ଅଟେ ।

# ଲେଭଲପ୍ଲାଷ୍ଟର ଆକର୍ଷଣୀୟ ବିଶିଷ୍ଟତା

| କ୍ର. ସଂ. | ବୈଷୟିକ ମାନଦଣ୍ଡ | ନିର୍ଦ୍ଦିଷ୍ଟତା | ପରୀକ୍ଷଣ ପଦ୍ଧତି |
|---|---|---|---|
| 1 | *କଭରେଜ୍ (ବର୍ଗ ଫୁଟ/କିଗ୍ରା)@5 ମିମି ମୋଟେଇରେ (ଆଦର୍ଶ ସ୍ମୁଦ୍ ପୃଷ୍ଠଭାଗ ଉପରେ) | 1.5-2.0 | ସଂସ୍ଥାନିକ |
| 2 | ପଟ୍ ଲାଇଫ୍ (ଘଣ୍ଟା) | 1.0-1.5 | ସଂସ୍ଥାନିକ |
| 3 | ତନନ ସାମର୍ଥ୍ୟ @28 ଦିନରେ (N/mm2) | ≥0.65 | EN 1348 |
| 4 | ଜଳ କ୍ୟାପିଲାରୀ ଅବଶୋଷଣ (ml), 30 ମିନିଟ୍ @28 ଦିନରେ | ≤0.80 | କାର୍ଷ୍ଟେନ୍ ଟ୍ୟୁବ୍ |
| 5 | କମ୍ପ୍ରେସିଭ୍ ଶକ୍ତି @28 ଦିନରେ (N/mm2) | ≥10 | EN 1015-11 |
| 6 | ସ୍ଥୁଳ ଘନତ୍ୱ (g/cm3) | 1.3-1.7 | ସଂସ୍ଥାନିକ |

**ଏସ୍‌କେୟୁ:** 20 କିଗ୍ରା ଓ 40 କିଗ୍ରା ପ୍ୟାକ୍‌ରେ ଉପଲବ୍ଧ
**ଶେଲ୍ଫ ଲାଇଫ୍:** ଉତ୍ପାଦନ ତାରିଖରୁ 12 ମାସ
**ସଂରକ୍ଷଣ:** ଥଣ୍ଡା ଓ ଶୁଷ୍କ ସ୍ଥାନରେ ରଖାଯିବା ଉଚିତ



# ଲେଭଲପ୍ଲାଷ୍ଟ ବ୍ୟବହାରର ଲାଭ

କିଓରିଂ ଫ୍ରି

ହ୍ୟାକିଂ ଫ୍ରି

ସର୍ବଶ୍ରେଷ୍ଠ
କମ୍ପ୍ରେସିଭ୍ ଶକ୍ତି

ଉଚ୍ଚ ଜଳ ପ୍ରତିରୋଧ
କ୍ଷମତା

ଥର୍ମାଲ
ଇନ୍ସୁଲେସନ୍

ଆଣ୍ଟି-କାର୍ବୋନେସନ୍
ଗୁଣ

# ପ୍ରୟୋଗ ସ୍ଥାନଗୁଡ଼ିକ

**ବିର୍ଲା ହ୍ୱାଇଟ୍ ଲେଭଲପ୍ଲାଷ୍ଟ ସହିତ ଆପଣ ଏହି ପୃଷ୍ଠଭାଗଗୁଡ଼ିକୁ ନିଖୁଣ କରିପାରିବେ**




*(କେବଳ ସୁପାରିସକୃତ ମୋଟେଇ ପର୍ଯ୍ୟନ୍ତ, ଅର୍ଥାତ୍ 25 ମିମି, ଦୁଇଟି ପରସ୍ତରେ ।)

# ପ୍ରୟୋଗ ପଦ୍ଧତି

ଏହି କ୍ରମିକ ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରନ୍ତୁ, ଯାହାଦ୍ୱାରା ଆପଣଙ୍କ କାନ୍ଥଗୁଡ଼ିକ ଚିତ୍ତାକର୍ଷକ ଦେଖାଯିବ:

1. ଏକ ଛେଣି, ତାର ବ୍ରଶ୍ କିମ୍ବା ଏମେରି ପଥର ସାହାଯ୍ୟରେ ଧୂଳିମଳି, ତେଲିଆ/ଚିକ୍କଣ ସାମଗ୍ରୀ ଓ କିଓରିଂ କମ୍ପାଉଣ୍ଡକୁ ସଫା କରନ୍ତୁ ଓ ସଫା ପାଣିରେ ଧୋଇଦିଅନ୍ତୁ ।

2. ଲେଭଲପ୍ଲାଷ୍ଟ ମିକ୍ସ ପ୍ରୟୋଗ କରିବା ପୂର୍ବରୁ ପୃଷ୍ଠକୁ ସଫା ପାଣିରେ ଆଗୁଆ ଓଦା ବା ଆର୍ଦ୍ର କରନ୍ତୁ ।

3. ପ୍ରଥମ କୋଟ୍ ପାଇଁ, 2-4 ମିମି: 25% ପାଣି ମିଶାନ୍ତୁ, ଦ୍ୱିତୀୟ କୋଟ୍ ପାଇଁ, 5-8 ମିମି: 22% ପାଣି ମିଶାନ୍ତୁ, ତୃତୀୟ କୋଟ୍ ପାଇଁ, 9-12 ମିମି: 20% ପାଣି ମିଶାନ୍ତୁ ଏବଂ ଶେଷ ଫିନିଶ୍ ପାଇଁ, 1-2 ମିମି: 25% ପାଣି ମିଶାନ୍ତୁ ।

4. ଏକସମାନ ପେଷ୍ଟ ଆକାର ପାଇବା ପାଇଁ ଏକ ମେକାନିକାଲ୍ ଷ୍ଟିରର୍ ଦ୍ୱାରା ବିର୍ଲା ହ୍ୱାଇଟ୍ ଲେଭଲପ୍ଲାଷ୍ଟକୁ 5-7 ମିନିଟ୍ ପାଇଁ ଭଲଭାବେ ଗୋଳାନ୍ତୁ, ଏହି ପେଷ୍ଟକୁ 1-2 ଘଣ୍ଟାରେ ବ୍ୟବହାର କରାଯାଇପାରିବ ।

5. ଏକ କରଣି କିମ୍ବା ପୁଟି ଛୁରି ସାହାଯ୍ୟରେ ସମସ୍ତ ଫାଟ, କଣା ଏବଂ ଇଟା ଆଦିର ଯୋଡ଼େଇରେ ଥିବା ଫାଙ୍କକୁ ଲେଭଲପ୍ଲାଷ୍ଟ ମିକ୍ସ ସହ ମରାମତି କରିଦିଅନ୍ତୁ ।

6. ବିଭିନ୍ନ ମୋଟେଇରେ ଲେଭଲପ୍ଲାଷ୍ଟର ପ୍ରୟୋଗ–

   i) ଲେଭଲପ୍ଲାଷ୍ଟ 1ମ କୋଟ୍– 10 ମିମି ମୋଟେଇ ପାଇଁ 2–4 ମିମିର ଲେଭଲପ୍ଲାଷ୍ଟ ପେଷ୍ଟ ଏବଂ 25 ମିମି ମୋଟେଇ ପାଇଁ 2-4 ମିମି ପେଷ୍ଟ, ଏକ କରଣି କିମ୍ବା ଖୁରୁରୁଣି ସାହାଯ୍ୟରେ ।

   ii) ଲେଭଲପ୍ଲାଷ୍ଟ 2ୟ କୋଟ୍– 10 ମିମି ମୋଟେଇ ପାଇଁ 2-4 ମିମି ଏବଂ 25 ମିମି ମୋଟେଇ ପାଇଁ 5-8 ମିମି

   iii) ଲେଭଲପ୍ଲାଷ୍ଟ 3ୟ କୋଟ୍– 10 ମିମି ମୋଟେଇ ପାଇଁ 1-2 ମିମି ଏବଂ 25 ମିମି ମୋଟେଇ ପାଇଁ 9-12 ମିମି

7. ଶେଷ କୋଟ୍ ଶୁଖିଯିବା ପରେ, ନଂ.320 ବାଲିକାଗଜ ସହ ପୃଷ୍ଠକୁ ଘଷନ୍ତୁ ।

8. ବିର୍ଲା ହ୍ୱାଇଟ୍ ଲେଭଲପ୍ଲାଷ୍ଟକୁ 1 କିମ୍ବା 2 କୋଟ ପୁଟି ସହିତ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ, ତା'ପରେ କାନ୍ଥଟି ରଙ୍ଗ କରିବା ପାଇଁ ପ୍ରସ୍ତୁତ ହୋଇଯିବ ।

# ବିର୍ଲା ହ୍ୱାଇଟ୍ ଲେଭଲପ୍ଲାଷ୍ଟ ପ୍ରୟୋଗ କରିବା ସମୟରେ ପ୍ରାକ୍-ସାବଧାନତା

ପ୍ରଥମ ଦୁଇଟି କୋଟ୍‌ରେ ଏହାକୁ ୬-୪ ମିମିର ସୋପାନରେ ପ୍ରୟୋଗ କରାଯିବା ଉଚିତ ।

ମଧ୍ୟାହ୍ନ ବେଳାରେ ଏହାକୁ ବାହ୍ୟ (ଏକ୍ସଟେରିୟର୍) ପୃଷ୍ଠରେ ଲଗାନ୍ତୁ ନାହିଁ (ବିଶେଷ କରି ଗ୍ରୀଷ୍ମ ମାସରେ) ।

ଆବଡ଼ା-ଖାବଡ଼ା ବା ତରଙ୍ଗନକୁ ଭଲଭାବେ ଯାଞ୍ଚ କରିବା ଏବଂ ଆବଶ୍ୟକତା ଅନୁଯାୟୀ ଲେଭଲପ୍ଲାଷ୍ଟର ଅତିରିକ୍ତ କୋଟ୍ ଲଗାଇବା ପାଇଁ ସୁପାରିସ କରାଯାଉଛି, ଯାହା ଫଳରେ ବିର୍ଲା ହ୍ୱାଇଟ୍ ଏକ୍ସେଲ୍ ପୁଟି କିମ୍ବା ବିର୍ଲା ହ୍ୱାଇଟ୍ ୱାଲ୍‌କେୟାର୍ ପୁଟିର ପ୍ରୟୋଗ ପୂର୍ବରୁ ପୃଷ୍ଠ ତରଙ୍ଗନ 1 ମିମିରୁ କମ୍ ରହିବ ।

ପରବର୍ତ୍ତୀ କୋଟ୍ ଲଗାଇବା ପୂର୍ବରୁ ପୃଷ୍ଠଭାଗକୁ ସମ୍ପୂର୍ଣ୍ଣ ଶୁଖିବାକୁ ଦିଅନ୍ତୁ ।

## ପ୍ରୟୋଗ ପରବର୍ତ୍ତୀ ସାବଧାନତା

1. ଏହାକୁ ଆଘ୍ରାଣ କିମ୍ବା ଇଞ୍ଜେକ୍ଟ କରିବା ବିପଜ୍ଜନକ । ଏପରି କୌଣସି ଘଟଣା ଘଟିଲେ, ତୁରନ୍ତ ଏକ ଖୋଲା ଜାଗାକୁ ଚାଲିଯାଆନ୍ତୁ ଏବଂ ଜଣେ ସ୍ୱାସ୍ଥ୍ୟ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
2. ଏହା ଆଖି କିମ୍ବା ଚର୍ମ ସଂସ୍ପର୍ଶରେ ଆସିଲେ, ପର୍ଯ୍ୟାପ୍ତ ପରିମାଣରେ ପାଣିରେ ଧୁଅନ୍ତୁ ।
3. ପିଲାଙ୍କ ପହଞ୍ଚରୁ ବାହାରେ ରଖନ୍ତୁ ।
4. ରବର କିମ୍ବା ପଲିଥିନ୍ ଗ୍ଲୋଭ୍, ସୁରକ୍ଷା ଚଷମା ବା ଗ୍ଲାସେସ୍ ଏବଂ ଫେସ୍ ମାସ୍କ ଭଳି ସୁରକ୍ଷା ଉପକରଣ ବ୍ୟବହାର କରନ୍ତୁ ।
5. ଏଥିରେ ଅତିରକ୍ତ ଲିଡ୍, ପାରଦ କିମ୍ବା କ୍ରୋମିୟମ୍ ଯୌଗିକ ଯୋଗ କରାଯାଇନାହିଁ ।
6. ବଳକା ପେଣ୍ଟକୁ ଡ୍ରେନ୍ କିମ୍ବା ଜଳାଶୟରେ ଢାଳନ୍ତୁ ନାହିଁ ।
7. ପେଷ୍ଟ ଥରେ ଟାଣ ହୋଇଯିବା ପରେ, ସେଥିରେ ପାଣି ମିଶାଇ ପୁଣିଥରେ ବ୍ୟବହାର କରାଯିବା ଉଚିତ ନୁହେଁ ।

# Birla White LEVELPLAST

**CURING-FREE READY MIX PLASTER**


**ବିର୍ଲା ହ୍ୱାଇଟ୍ - ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ଼ର ଏକ ୟୁନିଟ୍**

୨ମ ମହଲା, ବିର୍ଲା ସେଞ୍ଚୁରିଅନ୍, ପାଣ୍ଡୁରାଙ୍ଗ ବୁଦ୍ଧକର ମାର୍ଗ, ୱର୍ଲି, ମୁମ୍ବାଇ – 400030

ଟେଲିଫୋନ୍ ବୋର୍ଡ ନଂ.: 022- 68540444 / 50365111

ୱେବସାଇଟ୍: www.birlawhite.com | ଟୋଲ୍ ଫ୍ରୀ ନଂ. 1800 11 1717

www.facebook.com/BirlaWhiteCement | X.com/BirlaWhite